# NATIONAL NEWS BULLETIN (ODIA)

## 6 December - 2024

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଅଡଷଠୀତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ଦେଶ ପାଳନ କରୁଛି ମହାପରିନିର୍ବାଣ ଦିବସ ।

- ପାଠ କେବଳ ଚାକିରି କରିବା ପାଇଁ ନୁହେଁ; ବରଂ ଶିକ୍ଷିତ ହେବା ପାଇଁ ଆବଶ୍ୟକ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଆଜି ଅଷ୍ଟଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଜି ଘୋଷଣା କଲା ଦ୍ୱିମାସିକ ମୁଦ୍ରାନୀତି ।

ଏବଂ

- ଆଡିଲେଡ୍‌ର ଓଭାଲରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରୁଛି ଭାରତ ।

# ମହାପରିନିର୍ବାଣ ଦିବସ

ଭାରତୀୟ ସମ୍ବିଧାନର କର୍ଣ୍ଣଧାର ଭାରତରତ୍ନ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଅଡଷଠିତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ମହାପରିନିର୍ବାଣ ଦିବସ ପାଳନ କରାଯାଉଛି । ଏହି ଦିବସରେ ଦେଶ ବାବାସାହେବ ଆମ୍ବେଦକରଙ୍କ ଶିକ୍ଷା ଏବଂ ଏକ ନ୍ୟାୟସମ୍ପନ୍ନ ସମାଜ ଗଠନ ପାଇଁ ପ୍ରତିବଦ୍ଧତାକୁ ସ୍ୱୀକାର ସ୍ୱରୂପ ଶ୍ରଦ୍ଧାସୁମନ ଅର୍ପଣ କରୁଛି ।

ଦେଶ ନିର୍ମାଣରେ ଡକ୍ଟର ଆମ୍ବେଦକରଙ୍କ ଅବଦାନକୁ ଗୁରୁତ୍ୱ ଦେଇ ସମଗ୍ର ଦେଶରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ନୂଆଦିଲ୍ଲୀସ୍ଥିତ ସଂସଦ ଭବନ ପରିସରରେ ଥିବା ପ୍ରେରଣାସ୍ଥଳରେ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସାଂସଦଗଣ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରେରଣାସ୍ଥଳରେ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁମ୍ବାଇର ଚୈତ୍ୟଭୂମିକୁ ଗସ୍ତ ସମୟର ଫଟୋ ସେୟାର କରି ପ୍ରଧାନମନ୍ତ୍ରୀ ଡକ୍ଟର ଆମ୍ବେଦକରଙ୍କୁ ନ୍ୟାୟର ପ୍ରତୀକ ବୋଲି ବର୍ଣ୍ଣନା କରିଛନ୍ତି । ସମାନତା ଏବଂ ମାନବିକ ମର୍ଯ୍ୟାଦା ପାଇଁ ଡକ୍ଟର ଆମ୍ବେଦକରଙ୍କ ଅକ୍ଳାନ୍ତ ସଂଗ୍ରାମ ପରବର୍ତ୍ତୀ ପୀଢ଼ିକୁ

ପ୍ରେରଣା ଯୋଗାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

ଡକ୍ଟର ଆମ୍ବେଦକର ଏକାଧାରରେ ଜଣେ ଆଇନ୍‌ଜୀବୀ, ଅର୍ଥନୀତିଜ୍ଞ ଏବଂ ସମାଜ ସଂସ୍କାରକ ଥିଲେ । ସେ ଜାତିଭିତ୍ତିକ ଭେଦଭାବକୁ ଦୂର କରି ସମାନତା ଆଣିବା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ । ୧୯୯୦ ମସିହାରେ ମରଣୋତ୍ତର ଭାବେ ବାବା ସାହେବଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା ।

## ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ

ପାଠ କେବଳ ଚାକିରି କରିବା ପାଇଁ ନୁହେଁ ବରଂ ଶିକ୍ଷିତ ହେବାପାଇଁ ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ଆଜି ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ଯାଇ ଉପରବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଭାବବିନିମୟ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ମନଦେଇ ପାଠ ପଢ଼ିବା ସହ ମଣିଷ ପରି ମଣିଷଟିଏ ହେବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଆଜିର ଯୁଗରେ ପାଠ ପଢ଼ିବାକୁ ନେଇ ଅନେକ ସୁବିଧା ସୁଯୋଗ ରହିଛି। ପିଲାମାନେ ଏହିସବୁର ଲାଭ ଉଠାଇବା ଦରକାର। ରାଷ୍ଟ୍ରପତି ଏକତ୍ରିତ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଏକତା ହିଁ ବଳ। ଲୋକମାନେ ଏକତ୍ରିତ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ।

ରାଷ୍ଟ୍ରପତି ଆଜି ସକାଳେ ଭୁବନେଶ୍ୱରଠାରେ ସମ୍ବିଧାନପ୍ରଣେତା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପୁଣ୍ୟତିଥିରେ ଏ.ଜି. ଛକରେ ଥିବା ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଆସନ୍ତାକାଲି ମୟୂରଭଞ୍ଜରେ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ପିଏମ୍-ଅଷ୍ଟଲକ୍ଷ୍ମୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଅଷ୍ଟଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟନ କରିବେ । ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଉତ୍ତର ପୂର୍ବାଞ୍ଚଳର ସମସ୍ତ ୮ଟି ରାଜ୍ୟର ସଂସ୍କୃତି, ବୟନ ଶିଳ୍ପ, କାରିଗରୀ, ହସ୍ତଶିଳ୍ପ, ପର୍ଯ୍ୟଟନ ସୁଯୋଗ ଏବଂ ଅନନ୍ୟ ଉତ୍ପାଦ ପ୍ରଦର୍ଶିତ ହେବ । ଏଥିରେ ଭାଗ ନେବାକୁ ଥିବା ୮ଟି ରାଜ୍ୟ ହେଉଛି – ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ୍ ଓ ତ୍ରିପୁରା ।

ଏହି ମହୋତ୍ସବରେ ୨୫୦ରୁ ଅଧିକ କାରିଗର ୩୪ଟି ଜି.ଆଇ. ଟ୍ୟାଗ୍ ଯୁକ୍ତ ସାମଗ୍ରୀ ସମେତ ଅନନ୍ୟ ହସ୍ତଶିଳ୍ପ, ହସ୍ତତନ୍ତ ଓ କୃଷିଜାତ ଦ୍ରବ୍ୟ ପ୍ରଦର୍ଶନ କରିବେ । କାର୍ଯ୍ୟକ୍ରମରେ ଫ୍ୟାସନ୍ ଶୋ', ଡିଜାଇନ୍ କନ୍‌କ୍ଲେଭ୍ ଏବଂ କ୍ରେତାବିକ୍ରେତା ସାକ୍ଷାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ତେବେ ଏଥିରେ ହେବାକୁ ଥିବା ଗ୍ରାମୀଣ ହାଟ ବଜାରରେ ୩୨୦ ଜଣ କୃଷକ ଓ କାରିଗର ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ଓ କଳା ସାମଗ୍ରୀ ପ୍ରଦର୍ଶନ କରିବେ । ଏହି ମହୋତ୍ସବ ଉତ୍ତର ପୂର୍ବାଞ୍ଚଳର କାରିଗର, ହସ୍ତଶିଳ୍ପ, ବୁଣାକାର ଓ ଉଦ୍ୟୋଗୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

## ଏକ୍ସଟେଣ୍ଡେଡ୍-ବିକଶିତ ଭାରତ କୁଇଜ୍

ବିକଶିତ ଭାରତ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସମୟସୀମାକୁ ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହି ବିଷୟ ଘୋଷଣା କରିଛନ୍ତି । ପୂର୍ବରୁ ଏହାର ଶେଷ ତାରିଖ ଡିସେମ୍ବର ୫ ଥିଲା । ମାଇଁ ଭାରତ ପ୍ଲାଟ୍‌ଫର୍ମରେ ପ୍ରତିଯୋଗୀମାନେ ଏହି କୁଇଜ୍‌ରେ ଭାଗ ନେଇପାରିବେ । ୧୫ରୁ ୨୯ ବର୍ଷ ବୟସର ଯୁବଗୋଷ୍ଠୀ ବିକଶିତ ଭାରତ କୁଇଜ୍‌ରେ ଭାଗ ନେବା ସହ ନିଜ ଚିନ୍ତାଧାରା ବ୍ୟକ୍ତ କରିପାରିବେ । କେନ୍ଦ୍ର

ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦେଶର ଯୁବଗୋଷ୍ଠୀଙ୍କୁ ଏହି ସୁଯୋଗ ପ୍ରଦାନ କରିଛି । ବିଜେତା ପ୍ରତିଯୋଗୀମାନଙ୍କୁ ଆସନ୍ତାବର୍ଷ ଜାନୁଆରୀ ୧୧ ଓ ୧୨ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ବିକଶିତ ଭାରତ ସମ୍ପର୍କରେ ନିଜର ଦୃଷ୍ଟିକୋଣ ଓ ଚିନ୍ତାଧାରା ଉପସ୍ଥାପନ କରିବା ଲାଗି ସୁଯୋଗ ପାଇବେ ।

## ଲୋକସଭା ଆଡଜର୍ଣ୍ଣଡ

ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ କଂଗ୍ରେସ ନେତାଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅଭିଯୋଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ପରେ ଲୋକସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ଆଜି ଶୂନ୍ୟକାଳରେ ଶ୍ରୀ ଦୁବେ ଗତକାଲିର ଅଭିଯୋଗକୁ ପୁଣି ଉପସ୍ଥାପନ କରି କଂଗ୍ରେସ ଭାରତର ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ବୋଲି କହିଥିଲେ । ବିଜେପି ସାଂସଦକୁ କହିବା ପାଇଁ ଅନୁମତି ମିଳିବା ପରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀଦଳ ଗୁଡ଼ିକ ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲେ ।

ଆଜି ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସମେତ ଅନ୍ୟ ବିରୋଧୀଦଳ ଗୁଡ଼ିକ ହଟ୍ଟଗୋଳ ସୃଷ୍ଟି କରିଥିଲେ । ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଅନୁରୋଧ କରିଥିଲେ ମଧ

ସେମାନେ ସେଥିପ୍ରତି ଧ୍ୟାନ ଦେଇନଥିଲେ । ଫଳରେ ଶ୍ରୀ ବିର୍ଲା ପ୍ରଥମ ପର୍ଯ୍ୟାୟରେ ଲୋକସଭାକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

## ଆରଏସ୍-କରେନ୍ସି

ଗତକାଲି ରାଜ୍ୟସଭା କୋଠରୀରୁ ଏକ ନୋଟ୍ ବିଡା ଜବତ ହୋଇଥିଲା । ଗତକାଲି ଗୃହ ମୁଲତବୀ ହେବା ପରେ ଯାଞ୍ଚ ସମୟରେ ଏହି ନୋଟ୍‌ବିଡା ଜବତ କରାଯାଇଥିଲା । ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କଂଗ୍ରେସ ସାଂସଦ ଅଭିଷେକ ମନୁସିଂହଭିଙ୍କୁ ଦିଆଯାଇଥିବା ୨୨୨ ନମ୍ବର ଆସନରୁ ଏହି ନୋଟ୍‌ବିଡା ସୁରକ୍ଷା ଅଧିକାରୀମାନେ ଜବତ କରିଛନ୍ତି । ସେ କହିଛନ୍ତି ଏହି ଘଟଣା ତାଙ୍କ ଦୃଷ୍ଟିକୁ ଅଣାଯାଇଛି ଏବଂ ଘଟଣାର ତଦନ୍ତ ଚାଲିଛି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ଏହି ଘଟଣାର ଗମ୍ଭୀର ତଦନ୍ତ ହେବା ଆବଶ୍ୟକ ଏବଂ ଏଥିରେ କେହି ଆପତ୍ତି କରିବା ଉଚିତ ନୁହେଁ ।

ଗୃହରେ ବିଜେପି ନେତା ଜେ.ପି. ନଡ୍ଡା କହିଛନ୍ତି ଏହି ଘଟଣାକୁ ସମସ୍ତେ ନିନ୍ଦା କରିବା ଉଚିତ୍ । କାରଣ ଏହା ରାଜ୍ୟସଭାର ମର୍ଯ୍ୟାଦା କ୍ଷୁଣ୍ଣ କରିଛି । ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଏହି ଘଟଣାରେ

ତଦନ୍ତ କରାଗଲେ ତାଙ୍କ ଦଳର କୌଣସି ଆପତ୍ତି ନାହିଁ । ତଦନ୍ତ ପରେ ହିଁ କୌଣସି ସିଦ୍ଧାନ୍ତରେ ପହଞ୍ଚି ହେବ ବୋଲି ସେ କହିଛନ୍ତି ।

## ଆର୍‌ବିଆଇ ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ ଏକାଦଶ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛନ୍ତି । ଆଜି ୪/୨ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତ୍ତି ଗ୍ରହଣ କରିଛି । ପୂର୍ବଭଳି ରେପୋ ରେଟ୍ ୬ ଦଶମିକ ୫ ପ୍ରତିଶତ ରହିଛି । ଫଳରେ ଷ୍ଟାଣ୍ଡିଂ ଡିପୋଜିଟ୍ ଫାସିଲିଟି-ଏସ୍.ଡି.ଏଫ୍ ହାର ୬ ଦଶମିକ ୨/୫ ପ୍ରତିଶତ ଏବଂ ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି-ଏମ୍.ଏସ୍.ଏଫ୍ ହାର ୬ ଦଶମିକ ୭/୫ ପ୍ରତିଶତ ରହିଛି । ଗତ ୨୦୨୩ ମସିହା ଫେବୃୟାରୀଠାରୁ ରିଜର୍ଭ ବ୍ୟାଙ୍କ ସୁଧ ହାର ଉପରେ ସ୍ଥିତାବସ୍ଥା ବଜାୟ ରଖିଛି ।

ଅନ୍ୟପକ୍ଷରେ ୨୦୨୨ ପରଠାରୁ କ୍ୟାସ୍ ରିଜର୍ଭ ରେସିଓ ୪ ଦଶମିକ ୫ ପ୍ରତିଶତ ଅପରିବର୍ତ୍ତିତ ରହିଛି । ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ମୁଦ୍ରାନୀତି କମିଟି ଗତ ବୁଧବାରଠାରୁ ମୁଦ୍ରାସ୍ଫୀତି ନେଇ ତିନିଦିନିଆ ଆଲୋଚନା ଜାରି ରଖିଥିଲେ ।

## ଫ୍ରାନ୍ସ-ଗଭ୍-କୋଲାପ୍ସ

ଫ୍ରାନ୍ସରେ ଅନାସ୍ଥା ପ୍ରସ୍ତାବରେ ହାରିଯିବା ପରେ ପ୍ରଧାନମନ୍ତ୍ରୀ ମିସେଲ ଓ୍ୱାର୍ଣ୍ଣିୟରର ପଦରୁ ଇସ୍ତଫା ଦେଇଛନ୍ତି । ଫଳରେ ସେଠାକାର

ସରକାର ଭାଙ୍ଗି ଯାଇଛି । ଫ୍ରାନ୍ସ ଇତିହାସରେ ଶ୍ରୀ ଓ୍ୱାର୍ଣ୍ଣିୟର ସବୁଠାରୁ କମ୍ ସମୟ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ । ଗତକାଲି ଶ୍ରୀ ଓ୍ୱାର୍ଣ୍ଣିୟର୍ ଆନୁଷ୍ଠାନିକ ଭାବେ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କୁ ଇସ୍ତଫାପତ୍ର ଦେବା ପରେ, ତାହା ଗୃହିତ ହୋଇଛି । ତେବେ ନୂଆ ସରକାର ଗଠନ ନ ହେବା ପର୍ଯ୍ୟନ୍ତ ସେ କାମଚଳା ପ୍ରଧାନମନ୍ତ୍ରୀ ରହିବେ ବୋଲି ଫ୍ରାନ୍ସ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ।

ଗତ ସନ୍ଧ୍ୟାରେ ଓ୍ୱାର୍ଣ୍ଣିୟର୍‌ଙ୍କ ଇସ୍ତଫା ପରେ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ୨୦୨୭ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ ଏବଂ ଆସନ୍ତା କିଛି ଦିନ ମଧ୍ୟରେ ସେ ନୂଆ ପ୍ରଧାନମନ୍ତ୍ରୀ ଘୋଷଣା କରିବେ । ଓ୍ୱାର୍ଣ୍ଣିୟରଙ୍କ ସରକାର ଭାଙ୍ଗିବା ପଛରେ ଦକ୍ଷିଣପନ୍ଥୀଙ୍କୁ ଦୋଷୀ ବୋଲି କହିଛନ୍ତି ।

ଗତକାଲି ଫ୍ରାନ୍ସ ସଂସଦରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୫୭୭ ଜଣ ସାଂସଦଙ୍କ ମଧ୍ୟରୁ ୩୩୧ ଜଣ ସାଂସଦ ଭୋଟ ଦେଇଥିଲେ । ଫ୍ରାନ୍ସର ଆର୍ଥିକ ନିଅଣ୍ଟକୁ ହ୍ରାସ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଓ୍ୱାର୍ଣ୍ଣିୟର୍ ପ୍ରୟାସ କରିବା ପରେ ଏଭଳି ପରିସ୍ଥିତି ଉପୁଜିଥିଲା । ସୂଚନା ଅନୁଯାୟୀ ୧୯୬୨ ପରେ ପ୍ରଥମଥର ପାଇଁ ଫ୍ରାନ୍ସର କୌଣସି ସରକାର ଅନାସ୍ଥା ପ୍ରସ୍ତାବରେ ପରାଜିତ ହୋଇଛି ।

# କ୍ରିକେଟ

ଆଡିଲେଡ୍‌ର ଓଭାଲରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟମ୍ୟାଚ୍‌ର ପ୍ରଥମ ଦିନରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଇନିଂସ୍‌ରେ ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୪୨ ଓଭର ସୁଦ୍ଧା ୮ଟି ଓ୍ୱିକେଟ୍ ହରାଇ ୧୭୫ରନ୍ ସଂଗ୍ରହ କରିଛି । ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଏହି ମ୍ୟାଚ୍‌ରେ ଗୋଲାପି ରଙ୍ଗର ବଲ୍ ବ୍ୟବହାର କରାଯାଉଛି । ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବିଜୟ ହାସଲ ପରେ ଭାରତ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

# କ୍ରିକେଟ୍-ଅଣ୍ଡର ନାଇଣ୍ଟିନ୍ ଏସିଆକପ୍

ସାରଜା ଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆକପ୍ କ୍ରିକେଟ୍ ଦିନିକିଆ ସେମିଫାଇନାଲ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଚାଲିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଶ୍ରୀଲଙ୍କା ସମସ୍ତ ଓ୍ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଛି । ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା ।

ସେହିପରି ଅନ୍ୟ ଏକ ସେମିଫାଇନାଲ୍‌ରେ ଦୁବାଇଠାରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଖେଳ ଚାଲିଛି । ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ସମ୍ବାଦ ପ୍ରସ୍ତୁତ ହେଲାବେଳକୁ

ପାକିସ୍ତାନ ୩୭ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୬ ରନ୍ ସଂଗ୍ରହ କରିଛି ।

ଗ୍ରୁପ୍-ଏର ଶେଷ ମ୍ୟାଚ୍‌ରେ ଆୟୋଜକ ୟୁ.ଏ.ଇ.କୁ ୧୦ ୱିକେଟ୍‌ରେ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଭାରତ’ ଜାପାନ ଏବଂ ୟୁ.ଏ.ଇ. ବିରୋଧରେ ବିଜୟ ହାସଲ କରି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି ।